# ଓଡ଼ିଶାର ଭୂଗୋଳ

ଓଡ଼ିଶା ଭାରତର ପୂର୍ବ ଉପକୂଳରେ ଅବସ୍ଥିତ ଏକ ତଟବର୍ତ୍ତୀ ରାଜ୍ୟ । ଏହା ୧୭°.୪୯'-୨୨°.୩୪' ଉତ୍ତର ଅକ୍ଷାଂଶ ଓ ୮୧°.୨୭'-୮୭°.୨୯' ପୂର୍ବ ଦ୍ରାଘିମା ରେଖା ମଧ୍ୟରେ ଅବସ୍ଥିତ । ଏହାର ଉତ୍ତରରେ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ, ଦକ୍ଷିଣରେ ଆନ୍ଧ୍ରପ୍ରଦେଶ, ପଶ୍ଚିମରେ ଛତିଶଗଡ ଓ ପୂର୍ବରେ ବଙ୍ଗୋପସାଗର ଅବସ୍ଥିତ । ରାଜ୍ୟର ପଶ୍ଚିମ ଓ ଉତ୍ତରାଂଶ ଛୋଟନାଗପୁର ମାଳଭୂମିର ଅଂଶବିଶେଷ । ଓଡ଼ିଶାର ଭୌଗୋଳିକ କ୍ଷେତ୍ରଫଳ ୧,୫୫, ୭୦୭ ବର୍ଗ କି.ମି. । ଏହି କ୍ଷେତ୍ରର ଆୟତନ ୧୯୪୯ ମସିହା ଜାନୁଆରୀ ୧ ତାରିଖ ଦିନ ନିର୍ଣ୍ଣୟ କରାଯାଇଥିଲା । ଏହି ଦିନ ମୟୂରଭଞ୍ଜ ଶେଷ ରାଜ୍ୟଭାବେ ଓଡ଼ିଶା ସାଙ୍ଗରେ ମିଶିଥିଲା ।

ଆକୃତି ବିଜ୍ଞାନ ଓଡ଼ିଶାକୁ ପାଞ୍ଚଭାଗରେ ବିଭକ୍ତ କରାଏ - ତଟୀୟ ସମତଳ ଅଞ୍ଚଳ, ମଧ୍ୟ ପର୍ବତାଞ୍ଚଳ, ଗଡାଣିଆ ଉଚ୍ଚଭୂମି, ନଦୀ ଉପତ୍ୟକା ଏବଂ ମାଳଭୂମି ।

ଓଡ଼ିଶାର ତଟୀୟ ସମତଳ ଅଞ୍ଚଳ ଉତ୍ତରରେ ସୁବର୍ଣ୍ଣରେଖାଠାରୁ ଦକ୍ଷିଣରେ ଋଷିକୁଲ୍ୟା ଯାଏଁ ବ୍ୟାପ୍ତ । ଉତ୍ତରରେ ଏହା ସଂକୀର୍ଣ୍ଣ, ମଧ୍ୟଭାଗରେ ଚଉଡା, ଚିଲିକା ହ୍ରଦର ତଟଠାରେ ଏହା ସବୁଠୁ ସଂକୀର୍ଣ୍ଣ ଏବଂ ଦକ୍ଷିଣରେ ଏହା ବିସ୍ତୀର୍ଣ୍ଣ ।

ଓଡ଼ିଶାର ତଟୀୟ ସମତଳାଞ୍ଚଳ ଛଅଟି ନଦୀର ଉପହାର ଅଟେ । ଉତ୍ତରରୁ ଦକ୍ଷିଣକୁ ସେହି ନଦୀଗୁଡିକ ହେଲେ ସୁବର୍ଣ୍ଣରେଖା, ବୁଢାବଳଙ୍ଗ, ବୈତରଣୀ, ବ୍ରାହ୍ମଣୀ, ମହାନଦୀ ଓ ଋଷିକୁଲ୍ୟା ।

ଓଡ଼ିଶାର ପାର୍ବତ୍ୟ କ୍ଷେତ୍ର ରାଜ୍ୟ କ୍ଷେତ୍ରଫଳର ପାଖାପାଖି ତିନି-ଚତୁର୍ଥାଂଶ ଅଟେ । ଏଠି ଗଭୀର ଓ ବ୍ୟାପକ ଉପତ୍ୟକାଗୁଡିକ ବୈତରଣୀ, ବ୍ରାହ୍ମଣୀ, ମହାନଦୀ, ଋଷିକୁଲ୍ୟା, ବଂଶଧାରା ଏବଂ ନାଗାବଳୀ ନଦୀମାନଙ୍କ ଦ୍ୱାରା କଟା ହୋଇ ଭିନ୍ନ ହୋଇଛନ୍ତି । ଏହି ଉପତ୍ୟକାଗୁଡିକ ଉର୍ବର ଓ ଜନସଂଖ୍ୟାବହୁଳ। ଆକୃତି ବିଜ୍ଞାନ ଏ କ୍ଷେତ୍ରକୁ ନିମ୍ନମତେ ବିଭାଜନ କରିଛି । ଯଥା : (କ) ସିମୁଳିଆ ଓ ମେଘାସନ ପର୍ବତମାଳା (ଖ) ବୈତରଣୀ ଓ ବ୍ରାହ୍ମଣୀ ଅବବାହିକା (ଗ) ବ୍ରାହ୍ମଣୀ ଓ ମହାନଦୀ ଅବବାହିକା (ଘ) ଋଷିକୁଲ୍ୟା ଓ ବଂଶଧାରା ଅବବାହିକା । କ୍ଷେତ୍ରର ଉତ୍‌ଥାନ ୬୧୦ ମି.ରୁ ୧୦୬୮ମି. ପର୍ଯ୍ୟନ୍ତ । ଗଡାଣିଆ ଉଚ୍ଚଭୂମି ମାଳଭୂମିଠାରୁ କମ୍ ଉଚ୍ଚ । ଏଥିରେ ୧୫୩ମି.ଠାରୁ ୩୦୫ ମି. ମଧ୍ୟରେ ତଫାତ୍ ଚିରସ୍ରୋତା ନଦୀଗୁଡିକ ଯୋଗୁଁ ଏଭଳି ଭୂଖଣ୍ଡର ସୃଷ୍ଟି । ଏହି ମାଟି ପୋଷକତତ୍ତ୍ୱରେ ଭରପୂର ହୋଇଥାଏ । ଉପର ବ୍ରାହ୍ମଣୀର କୋଏଲ - ଶଙ୍ଖ ଅବବାହିକା, ମଧ୍ୟ ମହାନଦୀର ସୁକତେଲ ଓ ତେଲ ଅବବାହିକା ଓ ସବାରୀ ବେସିନଠାରେ ଏଭଳି ଅବବାହିକା ଦେଖାଯାଏ । ଗଡାଣିଆ ଉଚ୍ଚଭୂମିକୁ ନିମ୍ନୋକ୍ତଭାବେ ଭାଗ କରାଯାଇପାରେ - ରାଜଗାଙ୍ଗପୁର ଉଚ୍ଚଭୂମି, ଝାରସୁଗୁଡା ଉଚ୍ଚଭୂମି, ବରଗଡ ଉଚ୍ଚଭୂମି, ବଲାଙ୍ଗୀର-ଟିଟିଲାଗଡ-ପାଟନାଗଡ ଉଚ୍ଚଭୂମି, ଭବାନୀପାଟଣା ଉଚ୍ଚଭୂମି, ମାଲକାନଗିରି ଉଚ୍ଚଭୂମି ଓ ରାଇରଙ୍ଗପୁର ଉଚ୍ଚଭୂମି ।

ନଦୀ ଉପତ୍ୟକାଗୁଡିକ ନଦୀ ପ୍ରବାହ ଦ୍ୱାରା ସୃଷ୍ଟି ହୋଇଥାନ୍ତି । ସେଗୁଡିକ ଉର୍ବର । ଓଡ଼ିଶାର ମୁଖ୍ୟନଦୀ ଉପତ୍ୟକାଗୁଡିକ ବ୍ରାହ୍ମଣୀ, ମହାନଦୀ ଓ ବଂଶଧାରା ନଦୀ ଦ୍ୱାରା ସୃଷ୍ଟି ହୋଇଛି ।

ତୀବ୍ରତା ନଥିବା ମାଳଭୂମି (୩୦୫ମି.-୬୧୦ମି.) ଗୁଡିକରେ ଅନେକ ବୈଶିଷ୍ଟ୍ୟ ଦେଖାଯାଏ । ଏହି ଉପତ୍ୟକାଗୁଡିକ ମୁଖ୍ୟତଃ କେନ୍ଦୁଝର ଓ କୋରାପୁଟ ଜିଲ୍ଲାର ଉପର ବୈତରଣୀ ଓ ସବାରୀ ଅବବାହିକା ମଧ୍ୟରେ ହିଁ ଦେଖାଯାଏ । ଏହି ଉପତ୍ୟକାକୁ ପାନ୍‌ପୋଷ କେନ୍ଦୁଝର-ପାଲଲହଡା ମାଳଭୂମି ଓ ନବରଙ୍ଗପୁର-ଜୟପୁର ମାଳଭୂମିରେ ବିଭକ୍ତ କରାଯାଇପାରେ ।

❖ ❖ ❖